Rediffusion/Edelman

**Publication:** Prameya
**Date:** 05/09/2013
**Edition:** Bhubaneswar
**Page No:** 5
**Headline:** Naidu Science college team winners of TCS IT Wiz

# ନାଇଡୁ ସାଇନ୍ସ କଲେଜ ଟିସିଏସ୍ ଆଇଟି ୱିଜ୍ ବିଜେତା



ଭୁବନେଶ୍ୱର,୪।୯(ବ୍ୟୁରୋ): ଟିସିଏସ୍ ଆଇଟି ୱିଜ୍ ଭୁବନେଶ୍ୱର ସଂସ୍କରଣରେ ନାଇଡୁ ସାଇନ୍ସ କଲେଜର ପ୍ରଥମେଶ ଦାଶ ଏବଂ ରିଶଭ ଆଦିତ୍ୟ ଶତପଥୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅଭିଷେକ ସାହୁ ଏବଂ ସମର୍ପିତ ପଣ୍ଡା ରନର୍ସ ଅପ୍ ହୋଇଛନ୍ତି। ଆଞ୍ଚଳିକ ରାଉଣ୍ଡ ବିଜେତାଙ୍କୁ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ପ୍ରଦାନ କରାଯାଇଥିଲା। ରନର୍ସ ଅପ୍‌ଙ୍କୁ ଗୋଟିଏ ଲେଖାଏଁ ଗାଲାକ୍ସି ଟାବ୍‌ଲେଟ୍ ଦିଆଯାଇଥିଲା। ଉଭୟ ବିଜେତା ମେଗା ଫାଇନାଲ୍‌ରେ ଭୁବନେଶ୍ୱର ପାଇଁ ପ୍ରତିନିଧିତ୍ୱ କରି 'ସ୍ମାର୍ଟ ଟେକ୍ ୱିଜାର୍ଡ ୨୦୧୩' ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆଇଟି କମିଶନର ତଥା ସଚିବ ମଧୁସୂଦନ ପାଢ଼ୀ ଏବଂ ଆଇଆଇଆଇଟି ନିର୍ଦ୍ଦେଶକ ଡ. ଗୋପାଳ କୃଷ୍ଣ ନାୟକଙ୍କ ସମେତ ଟିସିଏସ୍ ଭୁବନେଶ୍ୱର ମୁଖ୍ୟ ମନୋଜ ପଣ୍ଡା ବିଜେତା ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କାର ବିତରଣ କରିଥିଲେ। ସୋସିଆଲ୍ ମିଡ଼ିଆ ଅଂଶ ସ୍ୱରୂପ ଛାତ୍ରଛାତ୍ରୀ ଏଥିରେ ରିଅଲ୍ ଟାଇମ୍‌ରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ମେଗା ଫାଇନାଲ୍‌ରେ ସ୍ମାର୍ଟ ଟେକ୍ ୱିଜାର୍ଡ ଟାଇଟଲ୍ ପାଇଁ ୟୁଏଇ ସଂସ୍କରଣର ବିଜେତାମାନେ ମଧ୍ୟ ଅଂଶଗ୍ରହଣ କରିବେ।